ସାଧାରଣ ଉଦ୍ୟୋଗ ବିଭାଗ,
ଓଡିଶା ସରକାର

# ପ୍ରୋଜେକ୍ଟ ସଫଳ

(Social Safety & Livelihood)



## ତାଲିମ କେନ୍ଦ୍ର

ବିଶେଷ ଜ୍ଞାନ କୌଶଳ ଅଧିକାର କରିଥିବା ଖ୍ୟାତି ସଂପନ୍ନ ଅନୁଷ୍ଠାନକୁ ତାଲିମ ଦେବା ପାଇଁ ଚିହ୍ନଟ କରାଯାଇଥାଏ। ଆବଶ୍ୟକ ସ୍ଥଳେ 'ସଫଳ'ର ପରାମର୍ଶଦାତାମାନେ କର୍ମଚାରୀ/ ଶ୍ରମିକମାନଙ୍କୁ ସେମାନଙ୍କର ଉପଯୁକ୍ତ ତାଲିମ ଅନୁଷ୍ଠାନ ନିର୍ଣ୍ଣୟ କରିବାରେ ସାହାଯ୍ୟ କରିଥାଆନ୍ତି।

## ତାଲିମ କାର୍ଯ୍ୟକ୍ରମ ନିର୍ଣ୍ଣୟ

କର୍ମଚାରୀ /ଶ୍ରମିକ ନିଜେ କି ପ୍ରକାରର ତାଲିମ ନେବେ, ସେ ତାହା ନିର୍ଣ୍ଣୟ କରିଥାଆନ୍ତି। ଏଥିରେ କେବଳ ପରାମର୍ଶଦାତାମାନେ ଏକ ଉତ୍ତମ କ୍ଷେତ୍ର ବାଛିବାରେ ସାହାଯ୍ୟ କରିଥାଆନ୍ତି। କର୍ମଚାରୀ /ଶ୍ରମିକମାନଙ୍କ ବିଷୟରେ ଜାଣିବା ସହିତ ତାଲିମ ଦିଆଯାଇଥିବା କ୍ଷେତ୍ରରେ କ'ଣ ସୁଯୋଗ ଅଛି ତାହା ବିଚାରକୁ ନିଆଯାଇଥାଏ। ପରାମର୍ଶଦାତା, ଶ୍ରମିକ ଓ ତାଲିମ ଅନୁଷ୍ଠାନ ଏକତ୍ର ଭାବେ ତାଲିମ କାର୍ଯ୍ୟକ୍ରମର ନକ୍ସା ପ୍ରସ୍ତୁତ କରନ୍ତି। ଏହା କେବଳ କର୍ମଚାରୀ / ଶ୍ରମିକମାନଙ୍କୁ ସଠିକ ଟ୍ରେଡ୍ ଏବଂ ତାଲିମକେନ୍ଦ୍ର ଚୟନ କରିବାରେ ସାହାଯ୍ୟ କରିଥାଏ।

## ତାଲିମର ଅବଧି

ତାଲିମ କାର୍ଯ୍ୟକ୍ରମର ଅବଧି ଏହାର ପ୍ରକାରଭେଦ ଓ ଖର୍ଚ୍ଚ ଉପରେ ନିର୍ଭର କରେ। ଏହା ସର୍ବାଧିକ ଛଅମାସ ପର୍ଯ୍ୟନ୍ତ ଚାଲି ପାରିବ ଏବଂ ତାଲିମ ପାଇଁ ଖର୍ଚ୍ଚ ସାଧାରଣ ଉଦ୍ୟୋଗ ବିଭାଗ, ଓଡିଶା ସରକାର ବହନ କରିବ।

## ସଫଳ ଯୋଜନା ରୂପାୟନକାରୀ ସଂସ୍ଥା

ଓଡିଶା ସରକାରଙ୍କର ସାଧାରଣ ଉଦ୍ୟୋଗ ବିଭାଗ ଅଧିନସ୍ଥ **ଓ.ଏସ୍.ଆର୍.ଏଫ୍.ଏସ୍.** ଏହି 'ସଫଳ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱରସ୍ଥିତ **ହ୍ୟୁମାନ ଡେଭେଲପ୍‌ମେଣ୍ଟ ଫାଉଣ୍ଡେସନ୍ (ଏଚ୍.ଡି.ଏଫ୍)**କୁ ଦାୟିତ୍ୱ ଦିଆଯାଇଛି। **ଏଚ୍.ଡି.ଏଫ୍,** ଭୋପାଳ ସ୍ଥିତ **ଏମ୍.ପି.କନ୍** ସଂସ୍ଥା ଏବଂ ଅହମଦାବାଦ ସ୍ଥିତ **ଇଡିଆଇ** ସହଯୋଗରେ ଏହି 'ସଫଳ' କାର୍ଯ୍ୟକ୍ରମକୁ ରୂପାୟନ କରିବାର ଦାୟିତ୍ୱ ନେଇଛନ୍ତି।

ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ବିଲ୍‌ଡିଂ, ୯୫, ସତ୍ୟନଗର, ଭୁବନେଶ୍ୱର ରେ 'ସଫଳ' କାର୍ଯ୍ୟକ୍ରମର ଅଫିସ୍ ଖୋଲାଯାଇଛି। ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସରେ ଏହି ଅଫିସ୍‌ର କର୍ମକର୍ତ୍ତାମାନଙ୍କ ସହିତ ଯୋଗାଯୋଗ ହୋଇପାରିବ।

**ପ୍ରୋଜେକ୍ଟ ସଫଳ**

ଓ.ଏସ୍.ଆର୍.ଏଫ୍.ଏସ୍. କାର୍ଯ୍ୟାଳୟ
ଓଡିଶା ଆଗ୍ରୋଇଣ୍ଡଷ୍ଟ୍ରିଜ୍ କର୍ପୋରେଶନ ବିଲ୍ଡିଂ
୯୫, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୯
ଦୂରାଭାଷ: ୮୨୭୦୭୮୫୨୭୮, ୮୨୭୦୫୩୫୦୫୩
ଇ-ମେଲ୍: projectsafalforyou@gmail.com

## ପ୍ରୋଜେକ୍ଟ 'ସଫଳ' କ'ଣ ?

ପ୍ରୋଜେକ୍ଟ ସଫଳ ରାଜ୍ୟ ସରକାରଙ୍କର ଏକ ସାମାଜିକ ସୁରକ୍ଷା ଯୋଜନା। ରାଜ୍ୟ ସରକାରୀ ଉଦ୍ୟୋଗରୁ ସ୍ୱେଚ୍ଛାକୃତ ଅବସର ନେଇଥିବା କର୍ମଚାରୀ ଓ ଶ୍ରମିକମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ। ଓଡିଶା ସରକାରଙ୍କ ସାଧାରଣ ଉଦ୍ୟୋଗ ବିଭାଗ ଅଧିନସ୍ଥ "ଓଡିଶା ଷ୍ଟେଟ୍ ରିନିଓ୍ୱାଲ ଫଣ୍ଡ ସୋସାଇଟି (ଓ.ଏସ୍. ଆର.ଏଫ୍. ଏସ୍)" ଦ୍ୱାରା ଏହି 'ସଫଳ' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି।

## କାହିଁକି ପ୍ରୋଜେକ୍ଟ 'ସଫଳ' ?

ବିଗତ ବର୍ଷ ମାନଙ୍କରେ ଓଡିଶାର ଉନ୍ନତି ପାଇଁ ସାଧାରଣ ଉଦ୍ୟୋଗ ଗୁଡିକ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଥିଲେ ହେଁ ସେମାନଙ୍କ ମଧ୍ୟରୁ କେତେକ ଅଚଳ ହୋଇପଡିଥିବା ବେଳେ ଅନ୍ୟ କେତେକ କ୍ଷତିରେ ଚାଲୁଅଛି। ଆବଶ୍ୟକ ଠାରୁ ଅଧିକ କର୍ମଚାରୀ ନିୟୋଜନ ଏବଂ ପରିଚାଳନାଗତ ତୃଟି ଯୋଗୁଁ ଉଦ୍ୟୋଗ ଗୁଡିକର ସଂସ୍କାର ଅପରିହାର୍ଯ୍ୟ ହୋଇ ପଡିଥିଲା। କେତେକ ଉଦ୍ୟୋଗ ମଧ ସେମାନଙ୍କର କର୍ମଚାରୀମାନଙ୍କୁ ଦରମା ତଥା ଆନୁସଙ୍ଗିକ ସୁବିଧା ସୁଯୋଗ ଦେବାକୁ ଅକ୍ଷମ ହୋଇପଡିବାରୁ ସରକାର "ସାଧାରଣ ଉଦ୍ୟୋଗ ସଂସ୍କାର" ଯୋଜନା ହାତକୁ ନେଇଛନ୍ତି।ଏହି ସଂସ୍କାର ଯୋଜନାର ଅଂଶ ସ୍ୱରୂପ ସ୍ୱେଚ୍ଛାକୃତ ଅବସର ଯୋଜନା ପ୍ରବର୍ତ୍ତନ କରାଯାଇଛି। ଏହି ସଂସ୍କାର ଯେଉଁଥିରେକି ଚାକିରୀରୁ ଅନ୍ତର ହେଇଥିବା କର୍ମଚାରୀ / ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଦେବା ପାଇଁ 'ସଫଳ' ନାମରେ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। VRS/VSS ନେଇଥିବା କର୍ମଚାରୀ / ଶ୍ରମିକ ମାନଙ୍କୁ ମାନସିକ ଦୁଶ୍ଚିନ୍ତାରୁ ମୁକ୍ତି କରି ସେମାନଙ୍କୁ ପୁନଶ୍ଚ ଉପାର୍ଜନକ୍ଷମ କରିବା 'ସଫଳ' (SAFAL -Self help Assistance For Alternative Livelihood) ର ଲକ୍ଷ୍ୟ ଅଟେ।

## 'ସଫଳ'ରେ ଆପଣଙ୍କ ପାଇଁ କ'ଣ ସୁଯୋଗ ରହିଛି ?

'ସଫଳ'ର କାର୍ଯ୍ୟକ୍ରମ ମାନଙ୍କ ମଧ୍ୟରୁ ପ୍ରଧାନ କାର୍ଯ୍ୟମାନ ଯଥା:

- ଚାକିରୀ ହରାଇଥିବା ଦୁଶ୍ଚିନ୍ତାରୁ ମୁକ୍ତ ହେବା ପାଇଁ ପରାମର୍ଶ ।
- ମିଳିଥିବା ଅର୍ଥକୁ ସଦୁପଯୋଗ ପାଇଁ ଉପଦେଶ।
- ବିକଳ୍ପ ନିୟୋଜନ ପାଇଁ ବୃତ୍ତିଗତ ତାଲିମ।
- ପୁନଃ ଅବସ୍ଥାପନ ପାଇଁ ଅନୁସରଣ ଓ ଦିଗ୍‌ଦର୍ଶନ ।
- ମିଳିଥିବା ଅଥବା ଭବିଷ୍ୟତରେ ମିଳିବାକୁ ଥିବା ସୁଯୋଗର ସଦୁପଯୋଗ।

ଉପରୋକ୍ତ ସୁବିଧା ସୁଯୋଗ ଉପଲବ୍ଧ ପାଇଁ କର୍ମଚାରୀ / ଶ୍ରମିକମାନଙ୍କୁ ଦେୟ ବା ଫିସ୍ ଦେବାକୁ ପଡିବ ନାହିଁ।

## 'ସଫଳ' ଅଧିନସ୍ଥ କାର୍ଯ୍ୟକ୍ରମ

ସ୍ୱେଚ୍ଛାକୃତ ଅବସର ବା ଛଟେଇ କର୍ମଚାରୀ /ଶ୍ରମିକ ମାନଙ୍କର ସାମାଜିକ ତଥା ଅର୍ଥନୈତିକ ନିରାପତ୍ତା ପାଇଁ 'ସଫଳ' ଅଧିନରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ହୋଇଅଛି। ସେଗୁଡିକ ହେଲା :

### ସର୍ବେକ୍ଷଣ

- ସରକରୀ ଉଦ୍ୟୋଗ ଗୁଡିକରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ବା ଛଟେଇ ହୋଇଥିବା କର୍ମଚାରୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କର ସାଂପ୍ରତିକ ସାମାଜିକ - ଆର୍ଥିକ ସ୍ଥିତିକୁ ଆକଳନ କରିବା।
- ସେମାନଙ୍କର ପ୍ରୋଫାଇଲ୍ ବା ସେମାନଙ୍କର ସାମାଜିକ ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରି ସେମାନଙ୍କର ଭବିଷ୍ୟତ କର୍ମପନ୍ଥା ବିଷୟରେ ଆକଳନ କରିବା।

### ପରାମର୍ଶ

- ଚାକିରୀ ବା ନିଯୁକ୍ତି ହରାଇବା ପରେ ଅନେକ କର୍ମଚାରୀ /ଶ୍ରମିକ ମାନଙ୍କର ମନୋବଳ ଭାଙ୍ଗି ପଡିଥାଏ। ସେମାନଙ୍କ ପାଖରେ ଛିଡା ହୋଇ ସେମାନଙ୍କର ମାନସିକ ସ୍ଥିରତା ଆଣିବା ଏବଂ ଆର୍ଥିକ ମାନଦଣ୍ଡର ଦୃଢତା ଆଣିବା ପାଇଁ ପରାମର୍ଶ ଆବଶ୍ୟକ ପଡେ। 'ସଫଳ' ଅଧିନସ୍ଥ ପରାମର୍ଶଦାତାମାନେ ଏହି ଭଳି ପରାମର୍ଶ ଦେଉଥାଆନ୍ତି।
- VRS / VSS ମାଧ୍ୟମରେ ଚାକିରୀରୁ ବିସ୍ଥାପିତ ହେବା ବେଳେ କର୍ମଚାରୀ / ଶ୍ରମିକମାନେ କ୍ଷତିପୂରଣ ବାବଦକୁ ସରକାରଙ୍କଠାରୁ ଅର୍ଥ ପାଇଥାନ୍ତି। ସେହି ଅର୍ଥକୁ କିଭଳି ସଠିକ ଭାବରେ ବିନିଯୋଗ କଲେ ସେମାନଙ୍କର ଭବିଷ୍ୟତ ସୁରକ୍ଷିତ ହୋଇ ରହିପାରିବ, ସେ ବିଷୟରେ ପରାମର୍ଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି 'ସଫଳ' ମାଧ୍ୟମରେ ଆର୍ଥିକ ପରାମର୍ଶ ପ୍ରଦାନ କରାଯାଏ।
- ବିଭିନ୍ନ ଉଦ୍ୟୋଗରେ କାମ କରିବା ସମୟରେ କର୍ମଚାରୀ / ଶ୍ରମିକମାନେ ବିଭିନ୍ନ ପ୍ରକାରର ଦକ୍ଷତା ତଥା ସ୍କିଲ୍ ଅର୍ଜନ କରିଥାନ୍ତି। ସେମାନଙ୍କର ଜୀବିକା ତଥା ଆତ୍ମ ନିଯୁକ୍ତିକୁ ସୁନିଶ୍ଚିତ କରାଇବାକୁ ହେଲେ ସେମାନଙ୍କର ସେହି ଦକ୍ଷତା ତଥା ସ୍କିଲ୍‌କୁ ଉନ୍ନତି କରିବାର ଆବଶ୍ୟକତା ରହିଛି। ଅନେକ କ୍ଷେତ୍ରରେ କର୍ମଚାରୀ / ଶ୍ରମିକମାନେ ନୂଆ କୌଶଳ ବା ଦକ୍ଷତା ଆହରଣ ପାଇଁ ଇଚ୍ଛୁକ ହୋଇଥାନ୍ତି। ଏ କ୍ଷେତ୍ରରେ କେଉଁ କେଉଁ ପ୍ରକାରର କୌଶଳ/ସ୍କିଲ୍‌ର ବର୍ତ୍ତମାନ ପ୍ରାସଙ୍ଗିକତା ଅଛି, କର୍ମଚାରୀମାନେ କିଭଳି ପ୍ରକାରର ତାଲିମ ନେବା ଉଚିତ୍ ଇତ୍ୟାଦି ବିଷୟରେ ପରାମର୍ଶ ମଧ 'ସଫଳ' ମାଧ୍ୟମରେ ପ୍ରଦାନ କରାଯାଏ।

### ଦକ୍ଷତା ବୃଦ୍ଧି ପାଇଁ ତାଲିମ

ସ୍ୱେଚ୍ଛାକୃତ ଅବସର ବା ଛଟେଇ କର୍ମଚାରୀ / ଶ୍ରମିକମାନଙ୍କର ପୃଷ୍ଠଭୂମି, ଆବଶ୍ୟକତା ଏବଂ ଇଚ୍ଛାକୁ ଭିତ୍ତିକରି ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ତାଲିମ 'ସଫଳ' ମାଧ୍ୟମରେ ପ୍ରଦାନ କରାଯାଏ।

- ୨୦ / ୩୦ ଜଣିଆ ଦଳରେ ବିଭକ୍ତ କରାଯାଇ ସେମାନଙ୍କର ଆବଶ୍ୟକତା /ଇଚ୍ଛା ମୁତାବକ ସେମାନଙ୍କୁ ନିକଟସ୍ଥ ତାଲିମ କେନ୍ଦ୍ରରେ ଉପଯୁକ୍ତ ତାଲିମ ଦିଆଯାଏ। ଏହି ତାଲିମ ଶେଷରେ ଏକ ପ୍ରମାଣ ପତ୍ର (ସାର୍ଟିଫିକେଟ୍) ଦେବାର ବନ୍ଦୋବସ୍ତ ମଧ କରାଯାଏ।
- ଆତ୍ମ ନିଯୁକ୍ତିକୁ ପ୍ରାଧାନ୍ୟ ଦେଉଥିବା କର୍ମଚାରୀ / ଶ୍ରମିକ ମାନଙ୍କ ପାଇଁ ବିଶେଷ ତାଲିମର ମଧ ବନ୍ଦୋବସ୍ତ ରହିଛି।

### ପୁନଃ ଥଇଥାନ

ଚାକିରୀ /ନିଯୁକ୍ତି ହରାଇଥିବା କର୍ମଚାରୀ / ଶ୍ରମିକମାନଙ୍କର ପୁନଃ ଥଇଥାନ ମଧ 'ସଫଳ' କାର୍ଯ୍ୟକ୍ରମର ଅନ୍ୟ ଏକ ଲକ୍ଷ।

- ଉପଯୁକ୍ତ ତାଲିମ ପାଇସାରିଲା ପରେ ଜୀବିକାର୍ଜନ ପାଇଁ ସଂସ୍ଥା ବା ଶିଳ୍ପାନୁଷ୍ଠାନମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଏ।
- ଆତ୍ମ ନିଯୁକ୍ତି ପାଇଁ ଅନୁସରଣ ଓ ଦିଗ୍‌ଦର୍ଶନ ଦେବାର ବ୍ୟବସ୍ଥା ମଧ 'ସଫଳ' ରେ ରହିଛି ।

### ସମ୍ଭାବ୍ୟ ତାଲିମ ତାଲିକା

କର୍ମଚାରୀ / ଶ୍ରମିକମାନେ ବିଭିନ୍ନ ପ୍ରକାରର ତାଲିମ 'ସଫଳ' ଠାରୁ ନେଇପାରିବେ। ସେ ସମସ୍ତ ତାଲିମ କର୍ମଚାରୀ / ଶ୍ରମିକମାନଙ୍କୁ ନିଯୁକ୍ତି ଅଥବା ଆତ୍ମ ନିଯୁକ୍ତି ମାଧ୍ୟମରେ ଉପାର୍ଜନ କରିବାର ସମ୍ଭାବନା ସୃଷ୍ଟି କରିଥାଏ। କେତେଗୁଡିଏ ଟ୍ରେଡ୍‌ର ନାମ ନିମ୍ନ ସାରଣୀରେ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଇଚ୍ଛୁକ କର୍ମଚାରୀ / ଶ୍ରମିକମାନେ ଅନ୍ୟ କିଛି ଟ୍ରେଡ୍‌ରେ ମଧ ତାଲିମ ନେଇ ପାରିବେ।

| | | | |
|---|---|---|---|
| ଇଲେକ୍ଟ୍ରିକାଲ ଉପକରଣ ମରାମତି | ୱାଲ୍ ପେଣ୍ଟିଂ | ବ୍ୟୁଟିସିଆନ୍ | ଡ୍ରାଇଭିଂ |
| ଡି.ଟି.ଏଚ୍ / ମୋବାଇଲ୍ ମରାମତି | ମଲ୍ଟି ପରପୋଜ୍ ମେକାନିକ୍ | ଫୁଡ୍ ପ୍ରୋସେସିଂ | ସିକ୍ୟୁରିଟି ଗାର୍ଡ |
| ଏ.ସି. ଓ ରେଫ୍ରିଜରେଟର ମରାମତି | ଷ୍ଟୋନ୍ କାରଭିଂ | ବ୍ୟାକେରୀ | ଫୁଲ ଚାଷ ଓ ଗାର୍ଡେନର |
| ଫେଶନ୍ ଡିଜାଇନିଂ | ପ୍ଲମ୍ବିଂ ଓ ସାନିଟାରି ଫିଟିଂ | ହୋଟେଲ୍ ଓ ଖାଦ୍ୟ ପରିବେଷଣ | ଭର୍ମିକମ୍ପୋଷ୍ଟିଂ |
| ଡି.ଟି.ପି ଓ ସ୍କ୍ରିନ୍ ପ୍ରିଣ୍ଟିଂ | ପାରା ମେଡିକାଲ | ଫାଷ୍ଟଫୁଡ୍ କୁକ୍ | କୃଷି ଯନ୍ତ୍ରାଂଶ ମରାମତି |
| ୱେଲ୍ଡିଂ ଓ ଫାବ୍ରିକେଶନ୍ | ଭିଡିଓଗ୍ରାଫି | ରିଟେଲ୍ ସେଲ୍ସମ୍ୟାନ୍ | କମ୍ପୁଟର ଏଡେଡ୍ ଟେକ୍ସଟାଇଲ ଡିଜାଇନିଂ |